# Akashvani, Sambalpur

## SAMBALPURI NEWS EVENING BULLETIN

## 3 April 2024- 7.02 pm- 7.12 pm.

**********************************************

୧- ଶାନ୍ତିଶୃଙ୍ଖଲା ଆଉ ପ୍ରଲୋଭନମୁକ୍ତ ନିର୍ବାଚନ ପରିଚାଳନା ଲାଗି ସବୁ ରାଜ୍ୟର୍ ମୁଖ୍ୟ ଶାସନ୍ ସଚିବ ଆଉ ପୁଲିସ୍ ମହାନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ୍ ଦେଲେ ନିର୍ବାଚନ୍ ଆୟୋଗ ।

୨- ରାଜ୍ୟର୍ ୫ ଟା ଲୋକ୍‌ସଭା ଆଉ ୨୭ ଟା ବିଧାନ୍‌ସଭା ଆସନ୍ ଲାଗି ପ୍ରାର୍ଥୀ ତାଲିକା ଘୋଷ୍‌ନା କଲା ବିଜୁ ଜନତା ଦଲ୍ ।

୩- ରାଜ୍ୟସଭାର୍ ୫୪ ଝନ୍ ସାଂସଦ୍‌ଙ୍କର୍ ସର୍‌ଲା କାର୍ଯ୍ୟକାଳ ।

ଆଉର୍

୪- ସ୍ୱାସ୍ଥ୍ୟ ବିଭାଗ୍ ତର୍‌ଫୁ - ଝାଉର୍ ମୁକାବିଲା ଲାଗି ମୁଲ୍ ହେଇଛେ ପ୍ରସ୍ତୁତି ।

ନିର୍ବାଚନ ପରିଚାଳନା-ନିର୍ବାଚନ ଆୟୋଗ/ଆର୍ଏନ୍ୟୁ/ସମ୍ବଲପୁର

ନିର୍ବାଚନ ଆୟୋଗ ଶାନ୍ତି ଶୃଙ୍ଖଳା ଆଉ ପ୍ରଲୋଭନମୁକ୍ତ ନିର୍ବାଚନ ପରିଚାଳନା କର୍ବାର୍କେ ଆଏଜ୍ ସବୁ ରାଜ୍ୟର ମୁଖ୍ୟ ଶାସନ ସଚିବ, ପୁଲିସ ମହାନିର୍ଦ୍ଦେଶକ ଆର୍ କେନ୍ଦ୍ରୀୟ ସଂସ୍ଥାର ମୁଖ୍ୟମାନ୍କୁ ନିର୍ଦ୍ଦେଶ ଦେଇଛନ୍ । ମୁଖ୍ୟ ନିର୍ବାଚନ ଆୟୁକ୍ତ ରାଜୀବ କୁମାର୍ଙ୍କ ଅଧ୍ୟକ୍ଷତାଥି ଦିଲ୍ଲୀ ନ ହେଇଥିବା ବୈଠକ୍ଥି ନିର୍ବାଚନ ଆୟୁକ୍ତ ଜ୍ଞାନେଶ କୁମାର, ସୁଖ୍ବୀର ସିଂ ସାନ୍ଧୁ, କେନ୍ଦ୍ରୀୟ ସଂସ୍ଥା ମାନ୍କର ଅଧିକାରୀମାନେ ଉପସ୍ଥିତ ଥିଲେ । ଇତାର୍ ସହେତେ ସବୁ ରାଜ୍ୟର ମୁଖ୍ୟ ଶାସନ ସଚିବ ଆଉ ପୁଲିସ ମହାନିର୍ଦ୍ଦେଶକମାନେ ଆଭାସୀ ଜରିଏ ସାମିଲ୍ ହେଇଥିଲେ । ସବୁ ରାଜ୍ୟ ଆର୍ କେନ୍ଦ୍ରଶାସିତ ଇଲାକାର୍ ଆଇନ୍-ଶୃଙ୍ଖଳା, ବେଆଇନ୍ କାର୍ଯ୍ୟକଳାପ୍ ଉପ୍ରେ ବୈଠକ୍ଥି ସମୀକ୍ଷା କରାଯାଇଛେ । ଇତାର୍ ସହେତେ ଆନ୍ତଃରାଜ୍ୟ ଆର୍ ଆନ୍ତଃର୍ଜାତୀୟ ସୀମା ଉପ୍ରେ କଡା ନଜର୍ ରଖି କରି ଯାଂଚ କଡାକଡି କର୍ବାର୍ ଉପ୍ରେ ନିର୍ବାଚନ ଆୟୋଗ୍ ଜୋର୍ ଦେଇଛନ୍ । ଫି ଭୋଟ୍ର ଯେନ୍ତା ନିର୍ଭୟଥି ଭୋଟ୍ ଦେଇପାର୍ବେ, ସେତାର୍ ଉପରେ

ନଜର୍ ରଖିବାର୍‌କେ ନିର୍ବାଚନ ଆୟୋଗ ସବୁ ରାଜ୍ୟ ଆଉ କେନ୍ଦ୍ରଶାସିତ ଅଂଚଳ ମୁଖ୍ୟ ନିର୍ବାଚନ୍ ଅଧିକାରୀମାନ୍‌କୁ ନିର୍ଦ୍ଦେଶ ଦେଇଛନ୍ ।

ବିଜେଡ଼ି ପ୍ରାର୍ଥୀ ତାଲିକା        ବିଜେଡି ପ୍ରେସ୍ ରିଲିଜ୍

ବିଜୁ ଜନତା ଦଲ୍ ଆଏଜ୍ ୩ ନମ୍ବର୍ ଖେପେ ୫ ଟା ଲୋକ୍‌ସଭା ଆଉ ୨ ନମ୍ବର୍ ଖେପେ ୨୭ ଟା ବିଧାନ୍‌ସଭା ଆସନ୍ ଲାଗି ପ୍ରାର୍ଥୀ ତାଲିକା ଘୋଷ୍‌ନା କରିଛେ । ମୁଖ୍ୟମନ୍ତ୍ରୀ ଆଉ ବିଜୁ ଜନତା ଦଲର୍ ସଭାପତି ନବୀନ୍ ପଟ୍ଟନାୟକ୍ ଗଣମାଧ୍ୟମ୍‌କେ ସୂଚ୍‌ନା ଦେଇକରି କହିଛନ୍ ଯେ, ବଲାଙ୍ଗିର୍ ଲୋକ୍‌ସଭା ଆସନ୍‌ନୁ ସୁରେନ୍ଦ୍ର ସିଂ ଭୋଇ, ବର୍‌ଗଡ଼୍‌ନୁ ପରିଣୀତା ମିଶ୍ର, ବ୍ରହ୍ମପୁର୍‌ନୁ- ଭୃଗୁବକ୍ସି ପାତ୍ର, କେନ୍ଦୁଝର୍‌ନୁ ଧନୁର୍ଜୟ ସିଦ୍ଧୁ, ଭଦ୍ରକନୁ- ମଞ୍ଜୁଲତା ମଣ୍ଡଲଙ୍କୁ ପ୍ରାର୍ଥୀ କରାଯାଇଛେ ।

ସେନ୍ତା ପର୍ଶ୍ଚିମ୍ ଓଡ଼ିଶାର୍ - ବ୍ରଜରାଜ୍‌ନଗର୍ ବିଧାନ୍‌ସଭା ଆସନ୍‌ନୁ ଅଲକା ମହାନ୍ତି,  ଝାର୍‌ସୁଗୁଡ଼ା ଆସନ୍‌ନୁ ଦୀପାଳୀ ଦାସ, ତଲ୍‌ସରାନୁ ବିନୟ କୁମାର୍ ଟପ୍ପୋ, ସୁନ୍ଦର୍‌ଗଡ଼୍ ନୁ ଯୋଗେଶ୍ ସିଂ, ରାଜ୍‌ଗାଙ୍ଗ୍‌ପୁର୍‌ନୁ ଅନୀଲ୍ କୁମାର୍ ବରୁଆ, ବଣେଇ ନୁ ଭୀମସେନ୍ ଚୌଧୁରୀ, ଆଠ୍‌ମଲ୍ଲିକ୍‌ନୁ ନଳିନୀକାନ୍ତ

ପ୍ରଧାନ୍, ବୀର୍‌ମହାରାଜ୍‌ପୁର୍ ନୁ ପଦ୍ମନାଭ ବେହେରା, ଖଡ଼ିଆଲ୍ ଅଧିରାଜ୍ ପାଣିଗ୍ରାହୀଙ୍କୁ ପ୍ରାର୍ଥୀ କରାଯାଇଥିବାର୍ ଶ୍ରୀ ପଟ୍ଟନାୟକ୍ ଘୋଷ୍‌ନା କରିଛନ୍ ।

ଇନ ଜନେଇ ଦିଆଯାଇପାରେ ଯେ, ଏବ୍‌ତକ୍ ବିଜୁ ଜନତା ଦଲ୍ ୨୦ ଟା ଲୋକ୍‌ସଭା ଆର୍ ୯୮ ଟା ବିଧାନ୍‌ସଭା ଆସନ୍ ଲାଗି ପ୍ରାର୍ଥୀ ତାଲିକା ଘୋଷ୍‌ନା କରିଛେ ।

ସାଂସଦ୍‌ଙ୍କର୍ କାର୍ଯ୍ୟକାଳ ଶେଷ ଆର୍‌ଏନ୍‌ୟୁ/ କଟକ୍

ରାଜ୍ୟସଭାର୍ ୫୪ ଝନ୍ ସାଂସଦ୍‌ଙ୍କର୍ କାର୍ଯ୍ୟକାଳ ଆଏଜ୍ ଶେଷ୍ ହେଉଛେ । ଅବସର ନେଉଥିବା ଇ ସାଂସଦ୍‌ମାନ୍‌କର୍ ଭିତ୍‌ରେ ବରିଷ୍ଠ କଂଗ୍ରେସ୍ ନେତା ଆର୍ ଆଘର୍ ପ୍ରଧାନ୍‌ମନ୍ତ୍ରୀ ଡକ୍ଟର୍ ମନମୋହନ୍ ସିଂହଙ୍କର୍ ସହେତେ ୨ ଝନ୍ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଆର୍ ଉପେନ୍ଦ୍ର ଯାଦବ୍ ଅଛନ୍ । ସେଆଡ଼େ ଧର୍ମେନ୍ଦ୍ର ପ୍ରଧାନ୍‌ଙ୍କର୍ ସହେତେ ୬ ଝନ୍ କେନ୍ଦ୍ରମନ୍ତ୍ରୀ ମନସୁଖ୍ ମାଣ୍ଡଭିୟ, ପୁରୁଷୋତମ ରୁପାଲା, ରାଜୀବ ଚନ୍ଦ୍ରଶେଖର, ଭି. ମୁରଲୀଧରନ୍, ନାରାୟଣ୍ ରାଣେ ଆଉ ଏଲ୍.ମୁରୁଗାନ୍‌ଙ୍କର୍ କାର୍ଯ୍ୟକାଳ ଗଲାକାଏଲ୍ ଶେଷ୍ ହେଇଛେ । ରାଜ୍ୟସଭାନୁ ଅବସର ନେଇଥିବା ୭ ଝନ୍ କେନ୍ଦ୍ରମନ୍ତ୍ରୀଙ୍କର୍ ଭିତ୍‌ରୁ ଖାଲି

ଅଶ୍ୱିନୀ ବୈଷ୍ଣବଙ୍କୁ ଛାଡ଼ିଦେଲେ ଅଲଗାମାନେ ଲୋକ୍‌ସଭା ନିର୍ବାଚନ୍‌ଥି ପ୍ରାର୍ଥୀ ହେଇଛନ୍ ।

ଇନ ଜନେଇ ଦିଆଯାଇପାରେ ଯେ, ଗଲା କେତେ ଦିନ୍ ତଲେ ଅଶ୍ୱିନୀ ବୈଷ୍ଣବ୍ ଫେର୍‌ଘାଏ ରାଜ୍ୟସଭାକେ ୨ ନମ୍ବର୍ ଥର୍ ଲାଗି ନିର୍ବାଚିତ ହେଇଛନ୍ ।

ସାଧାରଣ ନିର୍ବାଚନ୍ ଆର୍‌ଏନ୍‌ୟୁ/ କଟକ୍

ଦେଶେ ଆଏବା ସାଧାରଣ ନିର୍ବାଚନ୍ ଲାଗି ପାଖାପାଖି ୯୭ କୋଟି ପଞ୍ଜିକୃତ ଭୋଟର୍ ଭୋଟ୍ ଦେବେ ବଲି ଭାରତୀୟ ନିର୍ବାଚନ୍ କମିଶନ୍ ସୂତ୍ରନୁ ଜନାପଡ଼ିଛେ । ମତଦାନ୍ ଲାଗି ଦେଶେ ସାଢ଼େ ୧୦ ଲାଖ୍ ମତଦାନ୍ କେନ୍ଦ୍ର , ଦେଢ଼୍‌କୋଟି ପୁଲିଂ ଅଧିକାରୀ ଆଉ ସୁରକ୍ଷା କର୍ମଚାରୀ ନିୟୋଜିତ ହେଇଛନ୍ । ଭୋଟର୍ ତାଲିକାଥି ନିଜର୍ ନାଁ ଯାଂଚ୍ କର୍‌ବାର୍ ଆଉ ନିଜର୍ ନିଜର୍ ନିର୍ବାଚନ ମଣ୍ଡଳୀ ନ ଭୋଟ୍ ଗ୍ରହଣ୍ ତାରିଖ୍ ଜାନ୍‌ବାର୍ ଲାଗି ନିର୍ବାଚନ୍ କମିଶନଙ୍କର୍ ତର୍‌ଫୁ ଭିନ୍ ଭିନ୍ ସମ୍ବାଦପତ୍ରଥି କ୍ୟୁଆର୍ କୋଡ୍ ବାବଦ୍ ବିଜ୍ଞାପନ୍ ବାହାରିଛେ । ଭୋଟର୍‌ମାନେ ସେମାନ୍‌କର୍ ମତଦାନ୍ ବାବ୍‌ଦେ ତଥ୍ୟ ଜାନ୍‌ବାର୍ ଲାଗି ହେଲ୍ପ ଲାଇନ୍ ନମ୍ବର୍ ୧୯୫୦ ଥି ଡାଏଲ୍ କରିପାର୍‌ବେ ।

କେନ୍ଦ୍ରୀୟ ବିଦ୍ୟାଳୟ- ନାଁଲେଖା ଆର୍‌ଏନ୍‌ୟୁ/ ସମ୍ବଲପୁର

କେନ୍ଦ୍ରୀୟ ବିଦ୍ୟାଳୟର୍ ପ୍ରଥମ ଶ୍ରେଣୀଥି ନାଁଲେଖା ଲାଗି ପ୍ରକିୟା ମୁଲ୍ ହେଇଛେ । ଇଟା ଆଏବା ୧୫ ତାରିଖ୍‌ତକ୍ ଚାଲ୍‌ବା ବଲି କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନ୍ ତର୍‌ଫୁ ବିଜ୍ଞପ୍ତି ବାହାର୍ କରାଯାଇଛେ । ବିଜ୍ଞପ୍ତି ଅନ୍‌ସାରେ ଅଭିଭାବକ୍‌ମାନେ କେନ୍ଦ୍ରୀୟ ବିଦ୍ୟାଳୟଥି ନିଜର୍ ପିଲାକର୍ ନାଁଲେଖା ଲାଗି ଅନ୍‌ଲାଇନ୍‌ଥି ପଞ୍ଜିକରଣ୍ କରିପାର୍‌ବେ । ଆଏବା ୧୯ ତାରିଖ୍ ଦିନ ପହେଲା ପ୍ରୋଭିଜ୍‌ନାଲ୍ ଲିଷ୍ଟ୍ ବାହାର୍‌ବା । ସେନ୍ତା ୨ ନମ୍ବର ପ୍ରୋଭିଜନାଲ୍ ଲିଷ୍ଟ୍ ୨୯ ତାରିଖ୍ ଆର୍ ୩ ନମ୍ବର ପ୍ରଭିଜନାଲ୍ ଲିଷ୍ଟ ମେ ମାସ ୮ ତାରିଖ୍ ଦିନ ବାହାର୍‌ବା । ଇ ଲିଷ୍ଟ୍ ଅନ୍‌ସାରେ ଛାତ୍ରଛାତ୍ରୀମାନ୍‌କର୍ ନାଁ ଲେଖାଯିବା ।

ଝାଡ ମୁକାବିଲା-ସ୍ୱାସ୍ଥ୍ୟ ବିଭାଗ୍ ଆର୍‌ଏନ୍‌ୟୁ/ କଟକ୍

ରାଏଜେ ଝାଡର ମୁକାବିଲା ଲାଗି ସ୍ୱାସ୍ଥ୍ୟ ବିଭାଗ୍ ତର୍‌ଫୁ ପ୍ରସ୍ତୁତି ମୁଲ୍ କରାଯାଇଛେ । ଇ ବାବ୍‌ଦେ ସ୍ୱାସ୍ଥ୍ୟ ବିଭାଗ୍ ଭିନ୍ ଭିନ୍ ହାସ୍‌ପାତାଲ୍ ନ ଝାଡ ମାରୁଥିବା ଲୋକ୍‌ମାନ୍‌କର୍ ଲାଗି

ସ୍ୱତନ୍ତ୍ର ଶଯ୍ୟା ରଖିବାର୍‌କେ ସବୁ ଜିଲ୍ଲାକେ ନିର୍ଦ୍ଦେଶ୍ ଦେଇଛନ୍ । ସଂ ଜିଲ୍ଲା ହାସ୍‌ପାତାଲ୍ ନ ୬ ଟା, ସିଏଚ୍‌ସି ନ ୨ ଟା ଆଉ ପିଏଚ୍‌ସି ନ ଗୁଟେ ଲେଖା ଶଯ୍ୟା ପ୍ରସ୍ତୁତ୍ କରି ରଖିବାର୍ ଲାଗି ପରାମର୍ଶ ଦିଆଯାଇଛେ । ସେନ୍ତା ଦର୍‌କାରୀ ଉଷୋ ସହେତେ ଅଲଗା ଜିନିଷ୍ ମହଜୁଦ୍ ରଖିବାର୍ ଲାଗି ସ୍ୱାସ୍ଥ୍ୟ ବିଭାଗ୍ ତର୍‌ଫୁ କୁହାଯାଇଛେ । ଡାକ୍ତର୍‌ଖାନାଥି ଯେନ୍ତା ୨୪ ଘଂଟିଆ ଡାକ୍ତର୍ ରହେବେ ସେଥିର୍‌ଲାଗି ନଜର୍ ରଖିବାର୍‌କେ ନିର୍ଦ୍ଦେଶ୍‌ନାମାଥି କୁହାଯାଇଛେ ।

ୟୁପିଏସ୍‌ସି- ମାହାଲିଆ କୋଚିଂ ଆର୍‌ଏନ୍‌ୟୁ/ କଟକ୍

ରାଜ୍ୟ ସର୍‌କାର୍‌ଙ୍କର୍ ତର୍‌ଫୁ ପ୍ରଶାସନିକ୍ ସେବା ପରୀକ୍ଷା ଲାଗି ମାହାଲିଆ କୋଚିଂ ଦିଆଯାଉଛେ । ଆଏବା ୨୦୨୪ -୨୫ ଶିକ୍ଷା ବଛର୍ ଲାଗି ଇ ମାହାଲିଆ କୋଚିଂ ଲାଗି ପ୍ରି - କ୍ୱାଲିଫାଇଙ୍ଗ୍ ପ୍ରବେଶିକା ପରୀକ୍ଷା ଲାଗି ଗଲାକାଏଲ୍ ଆବେଦନ୍ ପ୍ରକ୍ରିୟା ଶେଷ୍ ହେଇଛେ । ଇଥିର୍‌ଲାଗି ୬ ହଜାର୍‌ନୁ ଅଏତ୍‌କା ଛାତ୍ରଛାତ୍ରୀ ଆବେଦନ୍ କରିଛନ୍ । ଆଏବା ୨୯ ତାରିଖ୍ ଦିନ ସାମ୍ସ ଆଉ ଏସ୍‌ଏସ୍‌ବି ୱେବ୍‌ସାଇଟ୍‌ଥି ଏଡ୍‌ମିଟ୍ କାର୍ଡ଼ ମିଲ୍‌ବା ଆଉ ମେ ୫ ତାରିଖ୍

ପ୍ରି କ୍ୱାଲିଫାଇଙ୍ଗ୍ ପ୍ରବେଶିକା ପରୀକ୍ଷା ହେବା । ରାଜ୍ୟ ସର୍‌କାର୍‌ଙ୍କର୍ ଶିକ୍ଷା ବାବ୍‌ଦେ ପୋର୍ଟାଲ୍ ସାମ୍ବର ତଥ୍ୟ ଅନ୍‌ସାରେ ୟୁପିଏସ୍‌ସି ତର୍‌ଫୁ ଭାରତୀୟ ପ୍ରଶାସନିକ୍ ସେବା ପରୀକ୍ଷା ଲାଗି ୬ ହଜାର୍ ୯ ଶହ ୭୩ ଝନ୍ କୋଚିଂ ନେବାର୍ ଲାଗି ନାଁ ପଞ୍ଜିକରଣ୍ କରିଛନ୍ । ସେମାନ୍‌କର୍ ଭିତ୍‌ରୁ ୩ ହଜାର୍ ୭ ଶହ ୩୦ ଝନ୍ ଅନ୍‌ଲାଇନ୍ ଜରିଏ ପରୀକ୍ଷା ଫି ଦାଖଲ୍ କରିଛନ୍ । ଆଏବା ୨୯ ତାରିଖ୍ ଦିନ କୋଚିଂ ନେବାର୍ ଲାଗି ଚୟନ ପରୀକ୍ଷା ହେବା ବଲି ଉଚ୍ଚଶିକ୍ଷା ବିଭାଗ୍ ତର୍‌ଫୁ ଜନାପଡ଼ିଛେ ।

ଆଇଟିଆଇ ନାଁଲେଖା ଆର୍‌ଏନ୍‌ୟୁ / ସମ୍ବଲପୁର

ରାଜ୍ୟର୍ ସର୍‌କାରୀ ଆଉ ବେସର୍‌କାରୀ ଆଇଟିଆଇ ଆର୍ ଡିପ୍ଲୋମାଥି ୨୦୨୪-୨୫ ବଛର୍ ଲାଗି ନାଁଲେଖାବାର୍‌କେ ଆବେଦନ୍ ମୁଲ୍ ହେଇଛେ । ରାଜ୍ୟର୍ ୪ ଶହ ୯୦ ଟା ଆଇଟିଆଇଥି ୮୩ ହଜାର୍ ୬ ଶହ ୭୬ ଟା ସିଟ୍‌ଥି ନାଁଲେଖା ହେବା । ଗଲାକାଏଲ୍‌ତକ୍ ୫ ଶହ ୨୩ ଝନ୍ ନାଁ ପଞ୍ଜିକରଣ୍ କରିଥିବାର୍ ବେଲେ ଶହେ ୮୩ ଝନ୍ ଅନ୍‌ଲାଇନ୍‌ଥି ଆବେଦନ୍ କରିଛନ୍ ।

ସେନ୍ତା ଡିପ୍ଲୋମା ଲାଗି ଶହେ ୬୨ ଟା କଲେଜ୍ ନ ୭୦ ହଜାର୍ ୮ ଶହ ୭୬ ଟା ସିଟ୍ଥି ନାଁଲେଖା ହେବା । ଇଥିର୍ଲାଗି ଗଲାକାଏଲ୍ତକ୍ ୬ ଶହ ୪୨ ଝନ୍ ପଞ୍ଜିକରଣ୍ କରିଥିବାର୍ ବେଲେ ୯୯ ଝନ୍ ଆବେଦନ୍ କରିଛନ୍ । ଆଗ୍ରହୀ ଛାତ୍ରଛାତ୍ରୀମାନେ www.samsodisha.gov.in ଥି ନାଁଲେଖା ଲାଗି ଆବେଦନ୍ କରିପାର୍ବେ ।

ଖରିଫ୍ ଋତୁ ଧାନ୍ ଘିନା ଆର୍ଏନ୍ୟୁ/ କଟକ୍

ରାଜ୍ୟ ସର୍କାର୍ଙ୍କର୍ ତର୍ଫୁ ଇ ବଛର୍ ଖରିଫ୍ ଋତୁଥି ୬୫ ଲାଖ୍ ମେଟ୍ରିକ୍ଟନ୍ ଧାନ୍ ଘିନାଯିବାର୍ ଲାଗି ଲକ୍ଷ୍ୟ ଧାରିଜ୍ କରାଯାଇଥିଲା । ହେଲେ ଯୋଗାଣ ନିଗମ୍ର ସୂଚନା ଅନ୍ସାରେ ଇ ଖରିଫ୍ ଋତୁଥି ୫୮ ଲାଖ୍ ମେଟ୍ରିକ୍ ଟନ୍ନୁ ଅଏତ୍କା ଧାନ୍ ଘିନାଯାଇଛେ । ସେଆଡ଼େ ଇ ବଛର୍ ରାଜ୍ୟ ସର୍କାର୍ ଚାଷୀଙ୍କର୍ ଠାନୁ ସବୁ ଧାନ୍ ଘିନ୍ବାର୍ ଲାଗି ଯୋଜ୍ନା କରିଛନ୍ । ଇ ବାବ୍ଦେ ଏଫ୍ସିଆଇ ଅଏତ୍କା ଚାଉଲ୍ ଘିନ୍ବାର୍ ଲାଗି ରାଜ୍ୟ ଖାଦ୍ୟ ଯୋଗାଣ ବିଭାଗ୍ - କେନ୍ଦ୍ର ଖାଉଟି ବ୍ୟାପାର୍ ମନ୍ତ୍ରଣାଳୟକେ ଚିଠି ଲେଖିକରି ଅନୁରୋଧ୍ କରିଛେ ।

ନିର୍ବାଚନ୍ ପରିଚାଲନା-ବୈଠକ୍

ସମ୍ବଲପୁର/ବୌଦ୍ଧ/ବଲାଙ୍ଗିର୍ ସମ୍ବାଦଦାତା

ସମ୍ବଲ୍‌ପୁର୍ ଜିଲ୍ଲାପାଲ୍‌ଙ୍କର୍ ସମ୍ମିଲନୀ କକ୍ଷ ନ ସାଧାରଣ୍ ନିର୍ବାଚନ୍‌ର ପ୍ରସ୍ତୁତି ବାବ୍‌ଦେ ଗୁଟେ ସମୀକ୍ଷା ବୈଠକ୍ ହେଇଯାଇଛେ । ଜିଲ୍ଲାପାଲ୍ ଅଗ୍ରଓ୍ୱାଲ୍ ଅକ୍ଷୟ ସୁନୀଲ୍‌ଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ବୈଠକ୍‌ଥି ଜିଲ୍ଲା ନ କେନ୍ତା ଆଦର୍ଶ ଆଚରଣ ବିଧି ଠିକ୍ ଭାବେ ପାଳନ୍ ହେବା ତାର୍ ଉପ୍‌ରେ ଜୋର୍ ଦିଆଯାଇଥିଲା । ବୈଠକ୍‌ଥି ଏସ୍.ପି. ମୁକେଶ୍ ଭାମୁ, ଡି.ଏଫ୍.ଓ. ବିଶ୍ୱନାଥ ନିଲାନ୍‌ଓ୍ୱର୍‌ଙ୍କର୍ ସହେତେ ଅଧିକାରୀମାନେ ଯୋଗ୍ ଦେଇଥିଲେ ।

ବୌଦ୍ଧ ଜିଲ୍ଲା ପରିଷଦ୍ ସଭାଗୃହ ନ ନିର୍ବାଚନ୍ ପରିଚାଳନା ବାବ୍‌ଦେ ଉପଜିଲ୍ଲାପାଲ୍ ପ୍ରଭାସ୍ ଚନ୍ଦ୍ର ଦଣ୍ଡସେନାଙ୍କର୍ ଅଧ୍ୟକ୍ଷତାଥି ଗୁଟେ ବୈଠକ୍ ହେଇଯାଇଛେ । ଇଥି ନିର୍ବାଚନ୍ ପରିଚାଳନା ଲାଗି ତାଲିମ୍ କାର୍ଯ୍ୟକ୍ରମ୍ ବାବ୍‌ଦେ ଆଲୋଚନା କରାଯାଇଥିଲା ।

ସେନ୍ତା ବଲାଙ୍ଗିର୍ ଲୋକ୍‌ସଭା ନିର୍ବାଚନ୍ ମଣ୍ଡଳୀ ସହେତେ ସୋନ୍‌ପୁର୍ ଆଉ ବୀର୍‌ମହାରାଜ୍‌ପୁର୍ ବିଧାନ୍‌ସଭା ନିର୍ବାଚନ୍ ମଣ୍ଡଳୀ ନ ମତଦାନ୍‌କେ ସୁରୁଖୁରୁ କର୍‌ବାର୍ ଲାଗି ବ୍ୟାପକ ପଦକ୍ଷେପ୍ ନେବାର୍‌କେ ସୁବର୍ଣ୍ଣପୁର୍ ଜିଲ୍ଲାପାଲ୍ ଅନ୍ୟା ଦାସ

ନିର୍ଦ୍ଦେଶ୍ ଦେଇଛନ୍ । ଆଏଜ୍  ଜିଲ୍ଲାର୍ ଭିନ୍ ଭିନ୍ ମତଦାନ୍ କେନ୍ଦ୍ର ଯାଇକରି ଜିଲ୍ଲାପାଲ୍ ମତଦାନ୍ କେନ୍ଦ୍ରମାନ୍‌କେ ଦର୍‌କାରୀ ବ୍ୟବସ୍ଥା କର୍‌ବାର୍ ଲାଗି ନିର୍ଦ୍ଦେଶ୍ ଦେଇଛନ୍ ।

ଯକୃତ ପ୍ରତିରୋପଣ        ଆର୍‌ଏନ୍‌ୟୁ/ କଟକ୍

କଟକ୍‌ର ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ୍ କଲେଜ୍ ଆଉ ହାସ୍‌ପାତାଲ୍ ନ ଯକୃତ ପ୍ରତିରୋପଣ ଲାଗି ହାଇଦ୍ରାବାଦ୍‌ର ଏଆଇଜି ହସ୍ପିଟାଲ୍ ସହଯୋଗ୍‌ଥି ପ୍ରକ୍ରିୟା ମୁଲ୍ ହେଇଛେ । ଯକୃତ ପ୍ରତିରୋପଣ ପ୍ରକ୍ରିୟା ଲାଗି ଏସୀୟ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଗେଷ୍ଟ୍ରୋଏଂଟ୍ରୋଲୋଜି ଆର୍ ଏସ୍‌ସିବି ଭିତ୍‌ରେ ଗୁଟେ ଚୁକ୍ତିନାମା ସ୍ୱାକ୍ଷରିତ୍ ହେଇଛେ । ଇଥିର୍‌ଲାଗି ୫ ଝନିଆ ଡାକ୍ତରୀ ଦଲ୍ ଗଢ଼ାଯାଇଛେ । ଦୁହି ସଂସ୍ଥାର୍ ଡାକ୍ତର୍‌ମାନ୍‌କର୍ ଗୁଟେ ଦଲ୍ ପ୍ରତିରୋପଣ୍ ପ୍ରକ୍ରିୟା କର୍‌ବେ । ଇଥିର୍‌ଲାଗି ୩ ଝନ୍‌କର୍ ନାଁ ପଞ୍ଜିକରଣ୍ କରାଯାଇଛେ । ସେଥିର୍‌ଭିତ୍‌ରୁ ପହେଲା ଝନେ ପୁରୁଷଙ୍କର୍ ଯକୃତ ପ୍ରତିରୋପଣ୍ ଲାଗି ପ୍ରସ୍ତୁତି ଆଏଜ୍ ମୁଲ୍ ହେଇଛେ । ଇଥିର୍‌ଲାଗି ପାଖାପାଖ୍ି ୧୨ ନୁ ୧୩ ଘଂଟା ସମିଆ ଲାଗୁଥିବାର୍ ବେଲେ ସେଥିର୍‌ଲାଗି ଏସ୍‌ସିବିର ମଡ୍ୟୁଲାର୍

ଅପରେସନ୍ ଥିଏଟର୍ ର ବ୍ୟବସ୍ଥା କରାଯାଇଛେ । ଇ ୟୁନିଟ୍ ପ୍ରତିଷ୍ଠା ଲାଗି ରାଜ୍ୟ ସର୍କାର୍ ୨୨ କୋଟି ଟଙ୍କା ମଞ୍ଜୁର୍ କରିଥିଲେ ।

କାୟାକଳ୍ପ ପୁରସ୍କାର-ହୀରାକୁଦ                    ସମ୍ବଲପୁର ସମ୍ବାଦଦାତା

ସମ୍ବଲ୍‌ପୁର୍ ମହାନଗର୍ ନିଗମ୍‌ର ହୀରାକୁଦ୍ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର କାୟାକଳ୍ପ ପୁରସ୍କାର୍ ପାଏବାର୍‌କେ ମନୋନୀତ ହେଇଛେ । ସ୍ୱାସ୍ଥ୍ୟକେନ୍ଦ୍ରର୍ ଭିନ୍ ଭିନ୍ ମାପଦଣ୍ଡ ମୂଲ୍ୟାୟନ୍ କର୍‌ବାର୍ ଉତ୍‌ରୁ ଇ ପୁରସ୍କାର୍ ଘୋଷ୍‌ନା କରାଯାଇଛେ । ଇ ବାବ୍‌ଦେ ସ୍ୱାସ୍ଥ୍ୟକେନ୍ଦ୍ରକେ ଲାଖେ ଟଙ୍କା ପୁରସ୍କାର୍ ମିଲ୍‌ବା ବଲି ହୀରାକୁଦ୍ ମେଡ଼ିକାଲ୍ ଅଧିକ୍ଷକ୍ ଡାକ୍ତର୍ ଅନ୍‌ମୋଲ୍ ମିଞ୍ଜ୍ କହିଛନ୍ ।

ପାଣିପାଗ                              ଆର୍‌ଏନ୍‌ୟୁ / ସମ୍ବଲପୁର

ରାଏଜେ ଆଏବା କେତେଦିନ୍‌ତକ୍ ଗ୍ରୀଷ୍ମପ୍ରବାହ ଜାରି ରହେବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତରଫୁଁ କୁହାଯାଇଛେ । ଆଏବା ୬ ତାରିଖ୍‌ତକ୍ ତାତି ୨ ନୁ ୩ ଡିଗ୍ରୀ ସେଲ୍‌ସିଅସ୍ ବଢ଼୍‌ବା ଆଉ ବଡ଼ଭାଗୀ ଜାଗା ନ

ତାତି ୪୦ ଡିଗ୍ରୀ ନୁ ଅଏତ୍‌କା ରହେବା ବଲି ଅନୁମାନ କରାଯାଇଛେ ।